# ଗ୍ରାମୀଣ କୃଷି ମୌସମ ସେବା

## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୫୬/୨୫**

**ଜିଲ୍ଲା-ବାଲେଶ୍ୱର** **ତା.୧୫.୦୭.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୨୦.୦୭.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୮-୧୧ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୨°C ଏବଂ ୨୬-୨୭° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 16-07-25 | **15** | 31 | 26 | 6 | 87 | 65 | 10 | 222 |
| | 17-07-25 | **10** | 32 | 26 | 5 | 84 | 59 | 10 | 212 |
| | 18-07-25 | **7** | 32 | 26 | 5 | 86 | 59 | 8 | 198 |
| | 19-07-25 | **7** | 32 | 27 | 5 | 86 | 57 | 8 | 209 |
| | 20-07-25 | **9** | 31 | 27 | 5 | 86 | 53 | 11 | 220 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ, ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ।<br>➢ ଯେହେତୁ ଆଗାମୀ ଦିନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଚାଷୀମାନଙ୍କୁ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ।<br>➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଜମି ପ୍ରସ୍ତୁତି / ନର୍ସରୀ** | ➢ ଧାନ ତଳି ୧୦-୧୫ ଦିନ ହେଲା ପରେ ଘାସ କୁ ନିୟନ୍ତ୍ରଣ କରିବା ପାଇଁ Bispyribac sodium 10%SC ଏକର ପ୍ରତି ୮୦-୧୨୦ ମିଲି ହିସାବରେ ସିଂଚନ କରନ୍ତୁ। ପ୍ରଥମେ ତଳି ଘରା ରୁ ପାଣି କାଟି ତାପରେ ସ୍ପ୍ରେ କରନ୍ତୁ। 2 ଦିନ ପରେ ପାଣି ଭରି ଦିଅନ୍ତୁ।<br>➢ ବର୍ତ୍ତମାନର ପାଣିପାଗ ସ୍ଥିତି ଧାନରେ ନର୍ସରୀରେ ମହିଷା ରୋଗ ସମ୍ଭାବନାକୁ ବୃଦ୍ଧି କରିପାରେ ଏହାକୁ ନିୟନ୍ତଣ କରିବା ପାଇଁ ଟ୍ରାଇସାଇକ୍ଲାଜୋଲ ୧ ଗ୍ରାମ/ଲି କିମ୍ବା ପ୍ଲାଣ୍ଟୋମାଇସିନ ୧ ଗ୍ରାମ/ଲି ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ନଳିତା** | **ତରୁଣୀ ଅବସ୍ଥା** | ➢ ବର୍ତମାନ ପାଣିପାଗରେ ନଳିତା ଫସଲରେ ବିହାରୀ ସଂବାଳୁଆ ଓ ଅନ୍ୟାନ୍ୟ ପତ୍ରଖିଆ ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇବ । ଏହି ସବୁ ପୋକ ଦମନ କରିବା ପାଇଁ ପ୍ରତି ଲିଟର ଜଳରେ ୧ମି.ଲି. ଲମ୍ବଡା ସାଇହାଲୋଥ୍ରୀନ ୪.୯ ସି.ଏସ. କୀଟନାଶକ ବିଷ ମିଶାଇ ସିଂଚନ କରନ୍ତୁ । |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି ଅବସ୍ଥା** | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| **ପନିପରିବା** | **ନର୍ସରୀ /ଫୁଲ/ଫଳ ଅବସ୍ଥା** | ➢ ବର୍ତ୍ତମାନର ପାଗ ସ୍ଥିତିରେ ପନିପରିବା ଓ ବାଇଗଣରେ ଦହିଆ ପୋକ ବୃଦ୍ଧି କରିପାରେ, ନିୟନ୍ତ୍ରଣ କରିବା ପାଇଁ ଥିଆମେଥୋକ୍ସାମ 0.4 ଗ୍ରାମ୍ ପ୍ରତି ଲିଟର ପାଣି ସିଞ୍ଚନ କରନ୍ତୁ ।<br>➢ **ବାଇଗଣ,ଭେଣ୍ଡି** ଏବଂ **ଟମାଟ** ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |

| | | |
|---|---|---|
| | | ➢ ବାଇଗଣ ଓ ଲଙ୍କା ଭଳି ଖରିଫ୍ ପନିପରିବା ଠିକ୍ ସମୟରେ ରୋପଣ ପାଇଁ ନର୍ସରୀ ଶଯ୍ୟାକୁ ପ୍ରସ୍ତୁତ କର ଏବଂ ବିହନକୁ (କାର୍ବକ୍ସିନ+-ଥିରମ)@2 ଗ୍ରାମ୍/କିଲୋ ବିହନରେ ବିଶୋଧନ କର। |
| ଫଳ | | ➢ ନଡ଼ିଆ ଚାରା ରୋପଣ ପାଇଁ 3ft ଲମ୍ବ ପ୍ରସ୍ଥ ଓ ଗଭୀର ଗାତ ଖୋଳନ୍ତୁ ।ଖୋଳା ଯାଇଥିବା ଗାତ ପ୍ରତି 8-10 ଝୁଡ଼ି ଗୋବର ଖତ, 2kg ନିମ୍ବ ପିଡ଼ିଆ ଓ 100gm Chloropyriphos ଗୁଣ୍ଡ କୁ ପ୍ରୟୋଗ କରନ୍ତୁ। ଉପର ଅଧା ମାଟି ରେ DAP 100gm ଓ Potash 200gm କୁ ମିଶାଇ ଗାତ କୁ ଭର୍ତି କରନ୍ତୁ।ଏହାର 5 ଦିନ ପରେ ଏପରି ଚାରା ଲଗାନ୍ତୁ ଯେପରିକି ନଡ଼ିଆ ର ଉପର ଅଂଶ 1cm ଉପରକୁ ଦେଖା ଯିବ।<br>➢ ଅମୃତଭଣ୍ଡା ମଞ୍ଜିକୁ କାର୍ବେଣ୍ଡାଜିମ୍ ସହିତ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ। |
| ମାଛ ଚାଷ | | ❖ ଦ୍ରୁତ ଗତିରେ ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ,ଭାକୁର ଓ ମିରିକଳିକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ୪:୩:୩ ଅନୁପାତରେ ରେ ଚାଷ କରିବା ଦ୍ୱାରା ଲାଭ ବୃଦ୍ଧି ହୋଇଥାଏ।<br>❖ ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫ ହଜାର ଯାଁଳା ଛଡାଯାଏ ।<br>❖ ମାଛମାନଙ୍କୁ ବାଦାମ ତେଲର ପିଠା ଏବଂ ଚାଉଳର ଚୋପା ସମାନ ଅନୁପାତରେ ଗଛିତ ସାମଗ୍ରୀର ମୋଟ ଜୈବବସ୍ତୁର 5%ରେ ଦିଆଯାଏ। ପୋଖରୀର ଗୁଣବତ୍ତା ବୃଦ୍ଧି ପାଇଁ ଗୋବର , ୟୁରିଆ ଓ ସୁପର ଫସଫେଟ ପ୍ରୟୋଗ କରିବା ଉଚିତ। ମାଛମାନେ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି। |
| ପଶୁପାଳନ | | ➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ।<br>➢ ନିୟମିତ ଭାବରେ ଲୁଣ ସହିତ ପଶୁମାନଙ୍କୁ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ଗହମ ଶସ୍ୟ, କଦଳୀ ଇତ୍ୟାଦି ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ରାସନରେ @ 10% -20% ଯୋଗାନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital